# ଅଧ୍ୟାୟ V

# ସିଏଜିଙ୍କର ତଦାରଖ ଭୂମିକା

# ଅଧ୍ୟାୟ V

## ସିଏଜିଙ୍କର ତଦାରଖ ଭୂମିକା

## 5.1 ସରକାରୀ ଉଦ୍ୟୋଗଗୁଡ଼ିକର ସମୀକ୍ଷା

କମ୍ପାନୀ ଅଧିନିୟମ, 2013ର ଧାରା 139(5) ଏବଂ (7) ଅନୁଯାୟୀ ଭାରତର ନିୟନ୍ତ୍ରକ ଏବଂ ମହାସମୀକ୍ଷକ ଏକ ସରକାରୀ କମ୍ପାନୀ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀର ବୈଧାନିକ ସମୀକ୍ଷକଙ୍କୁ ନିଯୁକ୍ତି କରନ୍ତି । ଅନୁପୂରକ ସମୀକ୍ଷା କରିବା ତଥା ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନ ଉପରେ ମନ୍ତବ୍ୟ ଜାରି କରିବାର ଅଧିକାର ସିଏଜିଙ୍କର ଅଛି । କେତେକ ନିଗମକୁ ପରିଚାଳନା କରୁଥିବା ବିଧାନ ଅନୁସାରେ ସେମାନଙ୍କର ବିବରଣୀକୁ ସିଏଜି ସମୀକ୍ଷା କରି ପ୍ରତିବେଦନ ରାଜ୍ୟ ବିଧାନସଭାରେ ଦାଖଲ କରାଯାଏ ।

## 5.2. ସିଏଜିଙ୍କ ଦ୍ୱାରା ସରକାରୀ ଉଦ୍ୟୋଗଗୁଡ଼ିକରେ ବୈଧାନିକ ସମୀକ୍ଷକଙ୍କ ନିଯୁକ୍ତି

କମ୍ପାନୀ ଅଧିନିୟମ, 2013 ର ଧାରା 139(5) ଅନୁସାରେ ଏକ ସରକାରୀ କମ୍ପାନୀ କିମ୍ବା ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କର ବୈଧାନିକ ସମୀକ୍ଷକମାନଙ୍କୁ ଆର୍ଥିକ ବର୍ଷ ଆରମ୍ଭରୁ 180 ଦିନ ମଧ୍ୟରେ ସିଏଜି ଦ୍ୱାରା ନିଯୁକ୍ତି କରାଯାଏ ।

> 2019-20 ବର୍ଷ ପାଇଁ କମ୍ପାନୀଗୁଡ଼ିକର ବୈଧାନିକ ସମୀକ୍ଷକ ଅଗଷ୍ଟ 2020 ରେ ନିଯୁକ୍ତ ହୋଇଥିଲେ ।

2019-20 ଆର୍ଥିକ ବର୍ଷ ପାଇଁ ସରକାରୀ ଉଦ୍ୟୋଗ ଗୁଡ଼ିକର ବୈଧାନିକ ସମୀକ୍ଷକମାନଙ୍କୁ ଅଗଷ୍ଟ 2020 ରେ ସିଏଜି ଦ୍ୱାରା ନିଯୁକ୍ତ ହୋଇଥିଲେ ।

## 5.3 ଏସ୍‌ପିଏସ୍‌ଇ ମାନଙ୍କ ଦ୍ୱାରା ହିସାବ ଦାଖଲ

### 5.3.1 ଧାର୍ଯ୍ୟ ସମୟରେ ଦାଖଲର ଆବଶ୍ୟକତା

କମ୍ପାନୀ ଅଧିନିୟମ 2013ର ଧାରା 394 ଅନୁଯାୟୀ ଏକ ସରକାରୀ କମ୍ପାନୀର କାର୍ଯ୍ୟ ଏବଂ ବ୍ୟାପାର ଉପରେ ଏକ ବାର୍ଷିକ ପ୍ରତିବେଦନ ଏହାର ବାର୍ଷିକ ସାଧାରଣ ସଭା(ଏଜିଏମ୍)ର ତିନିମାସ ମଧ୍ୟରେ ପ୍ରସ୍ତୁତ କରାଯାଏ । ଏହିପରି ପ୍ରସ୍ତୁତି ପରେ ଯେତେ ଶୀଘ୍ର ହୋଇପାରେ, ବାର୍ଷିକ ବିବରଣୀ ସହିତ ସମୀକ୍ଷା ପ୍ରତିବେଦନ ଉପରେ ସିଏଜିଙ୍କ ମନ୍ତବ୍ୟକୁ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯାଏ । ବୈଧାନିକ ନିଗମମାନଙ୍କୁ ନିୟନ୍ତ୍ରଣ କରୁଥିବା ବିଧାନ ଗୁଡ଼ିକରେ ପ୍ରାୟ ସମାନ ବ୍ୟବସ୍ଥା ରହିଛି । ଏହି ପ୍ରକ୍ରିୟା ରାଜ୍ୟର ଏକତ୍ରିତ ପାଣ୍ଠିରୁ କମ୍ପାନୀଗୁଡ଼ିକରେ ବିନିଯୋଗ ହୋଇଥିବା ଜନସାଧାରଣ ପାଣ୍ଠିର ଉପଯୋଗ ଉପରେ ବୈଧାନିକ ନିୟନ୍ତ୍ରଣ କରିଥାଏ ।

କମ୍ପାନୀ ଅଧିନିୟମ 2013ର ଧାରା 96 ପ୍ରତ୍ୟେକ କମ୍ପାନୀକୁ ବର୍ଷରେ ଥରେ ଅଂଶୀଦାରମାନଙ୍କ ଏଜିଏମ୍ କରିବାକୁ ଆବଶ୍ୟକ କରେ । ଏହା ମଧ୍ୟ କୁହାଯାଇଛି ଯେ ଗୋଟିଏ ଏଜିଏମ୍‌ର ତାରିଖ ଏବଂ ପରବର୍ତ୍ତୀ ତାରିଖ ମଧ୍ୟରେ 15 ମାସରୁ ଅଧିକ ହେବ ନାହିଁ । ପୁନଶ୍ଚ, କମ୍ପାନୀ ଅଧିନିୟମ 2013ର ଧାରା 129 ଧାର୍ଯ୍ୟ କରିଛି ଯେ ଆର୍ଥିକ ବର୍ଷ ପାଇଁ ସମୀକ୍ଷିତ ବିତ୍ତୀୟ ବିବରଣୀକୁ ବିଚାର ପାଇଁ ଉକ୍ତ ଏଜିଏମ୍‌ରେ ରଖିବାକୁ ହେବ ।

କମ୍ପାନୀ ଅଧିନିୟମ 2013ର ଧାରା 129(7) ଅନୁଯାୟୀ ଯଦି ଧାରା 129 ର ନିୟମାବଳୀକୁ ପାଳନ କରାନଯାଏ ତେବେ ଦାୟୀ ଥିବା ବ୍ୟକ୍ତିମାନଙ୍କ ସମେତ କମ୍ପାନୀର ନିର୍ଦ୍ଦେଶକଙ୍କଠାରୁ ଜୋରିମାନା ଆଦାୟ ଏବଂ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି ।

ଉପରୋକ୍ତ ସତ୍ତ୍ୱେ, ବିଭିନ୍ନ ସରକାରୀ ଉଦ୍ୟୋଗଗୁଡ଼ିକର ବାର୍ଷିକ ହିସାବ 30 ସେପ୍ଟେମ୍ବର 2020 ପର୍ଯ୍ୟନ୍ତ ପଡ଼ିରହିଥିଲା ଯାହା ନିମ୍ନ ଅନୁଚ୍ଛେଦମାନଙ୍କରେ ବିସ୍ତୃତ ଭାବରେ ଦିଆଗଲା ।

## 5.3.2 ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇମାନଙ୍କ ଦ୍ୱାରା ହିସାବ ଗୁଡିକର ସମୟୋଚିତ ପ୍ରସ୍ତୁତି

31 ମାର୍ଚ୍ଚ 2020 ସୁଦ୍ଧା, 66ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 16ଟି ସରକାରୀ ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସିଏଜିଙ୍କ ସମୀକ୍ଷା ଅଧିନରେ ଥିଲା। ଏହି 66ଟି ସରକାରୀ ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟି ବୈଧାନିକ ନିଗମ ଅଟେ।

82ଟି ଏସ୍‌ପିଏସ୍‌ଇ ମଧ୍ୟରୁ 71ଟି ଏସ୍‌ପିଏସ୍‌ଇର ହିସାବ ବକେୟା ଥିଲା।

2019-20 ବର୍ଷ ପାଇଁ ସମସ୍ତ 66ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 16ଟି ସରକାରୀ ନିୟନ୍ତ୍ରିତ ଅନ୍ୟାନ୍ୟ ଏସ୍‌ପିଏସ୍‌ଇ ଗୁଡିକର ହିସାବ ଦାଖଲ କରିବାର ଥିଲା। ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବକେୟା ଥିବା ହିସାବର ବିବରଣୀ ପୃଥକ ଭାବେ **ପରିଶିଷ୍ଟ 19କ** ଏବଂ **19ଖ**ରେ ସୂଚିତ କରାଯାଇଛି। ଉପରୋକ୍ତ ଦୁଇଟି ବର୍ଗ ପାଇଁ ବକେୟା ଥିବା ହିସାବ ସଂଖ୍ୟା ନିମ୍ନରେ ଦିଆଗଲା:

**ସାରଣୀ 5.1: ସରକାରୀ କମ୍ପାନୀ ମାନଙ୍କର ହିସାବ ଦାଖଲର ବିବରଣୀ**

| ସବିଶେଷ | | ସରକାରୀ ଏସ୍‌ପିଏସ୍‌ଇ /ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସମୂହ | | |
|---|---|---|---|---|
| | | ସରକାରୀ ଏସ୍‌ପିଏସ୍‌ଇ | ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସମୂହ | ମୋଟ୍ |
| 31.03.2020 ସୁଦ୍ଧା ସିଏଜିଙ୍କ ସମୀକ୍ଷା ଅଧିନରେ ଥିବା ସମୁଦାୟ ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | | 66 | 16 | 82 |
| ତାଲିକାଭୁକ୍ତ ନଥିବା | | 66 | 16 | 82 |
| କମ୍: ନୂତନ ଏସ୍‌ପିଏସ୍‌ଇ ଗୁଡିକ ଯେଉଁଥିରୁ 2019-20 ପାଇଁ ହିସାବ ଧାର୍ଯ୍ୟ ହୋଇନଥିଲା | | - | - | - |
| ନୂତନ ଏସ୍‌ପିଏସ୍‌ଇ ଗୁଡିକ ଯେଉଁଥିରୁ 2019-20 ପାଇଁ ହିସାବ ଧାର୍ଯ୍ୟ ହୋଇଥିଲା | | 66 | 16 | 82 |
| 30 ସେପ୍ଟେମ୍ବର 2020 ସୁଦ୍ଧା ସିଏଜିଙ୍କ ସମୀକ୍ଷା ପାଇଁ ଖାତା ଉପସ୍ଥାପନ କରୁଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | | 7 | 4 | 11 |
| ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା ଯାହାର ହିସାବ ବକେୟା ଥିଲା | | 59 | 12 | 71 |
| ବକେୟାର ବର୍ଗୀକରଣ | (i) ସମାପନ ପ୍ରକ୍ରିୟାରେ | 16 | 1 | 17 |
| | (ii) ଅଚଳ | 10 | 0 | 10 |
| | (iii) ପ୍ରଥମ ହିସାବ ଦାଖଲ ହୋଇନାହିଁ | 0 | 0 | 0 |
| | (iv) ଅନ୍ୟାନ୍ୟ | 33 | 11 | 44 |
| ବକେୟା ଥିବା ହିସାବ ଗୁଡିକର ସଂଖ୍ୟା | | 852 | 23 | 875 |
| ବୟସ ଦ୍ୱାରା ବକେୟାର ବିଶ୍ଳେଷଣ | ଏକ ବର୍ଷ (2019-20) | 22* | 7 | 29 |
| | ଦୁଇ ବର୍ଷ (2018-19 ଏବଂ 2019-20) | 8** | 4 | 12 |
| | ତିନି ବର୍ଷ ଏବଂ ତଦୁର୍ଦ୍ଧ | 822 | 12 | 834 |

* ଦୁଇଟି ବୈଧାନିକ ନିଗମ ଅନ୍ତର୍ଭୁକ୍ତ ଯଥା ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଏବଂ ଓଡିଶା ରାଜ୍ୟ ଆର୍ଥିକ ନିଗମ ।

** ଗୋଟିଏ ବୈଧାନିକ ନିଗମ ଯଥା ଓଡିଶା ରାଜ୍ୟ ପଣ୍ୟାଗାର ନିଗମ।

## 5.4 ସିଏଜିଙ୍କ ତଦାରଖ – ହିସାବଗୁଡିକର ସମୀକ୍ଷା ଏବଂ ଅନୁପୂରଖ ସମୀକ୍ଷା

### 5.4.1 ବିତ୍ତୀୟ ରିପୋର୍ଟ ଢ଼ାଞ୍ଚା

କମ୍ପାନୀ ଅଧିନିୟମ 2013ର ଅନୁସୂଚୀ III ରେ ଦର୍ଶାଯାଇଥିବା ଫର୍ମାଟରେ ଏବଂ କେନ୍ଦ୍ର ସରକାରଙ୍କ ବିହିତ ହିସାବ ମାନଦଣ୍ଡ ଯାହାକି ଜାତୀୟ ହିସାବ ମାନଦଣ୍ଡ ପରାମର୍ଶଦାତା କମିଟିର ପରାମର୍ଶ ନିର୍ଦ୍ଧାରିତ ଅନୁଯାୟୀ କମ୍ପାନୀଗୁଡିକ ଆର୍ଥିକ ବିବୃତ୍ତି ପ୍ରସ୍ତୁତ କରିବା ଆବଶ୍ୟକ କରନ୍ତି। ସିଏଜିଙ୍କ ପରାମର୍ଶ କ୍ରମେ ଏବଂ ନିଗମଗୁଡିକୁ ପରିଚାଳନା କରୁଥିବା ବିଧାନର ବିନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନୁଯାୟୀ ବୈଧାନିକ ନିଗମଗୁଡିକ ନିୟମରେ ବିହିତ ଫର୍ମାଟ ଅନୁସାରେ ହିସାବ ପ୍ରସ୍ତୁତ ରିଥାନ୍ତି।

### 5.4.2 ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସରକାରୀ ଉଦ୍ୟୋଗଗୁଡିକର ହିସାବ ସମୀକ୍ଷା

କମ୍ପାନୀ ଅଧିନିୟମ 2013ର ଧାରା 139 ଅନୁଯାୟୀ ସିଏଜିଙ୍କ ଦ୍ୱାରା ନିଯୁକ୍ତ ବୈଧାନିକ ସମୀକ୍ଷକ ସରକାରୀ କମ୍ପାନୀଗୁଡିକର ହିସାବକୁ ସମୀକ୍ଷା କରନ୍ତି ଏବଂ କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ସେମାନଙ୍କ ପ୍ରତିବେଦନ ଦାଖଲ କରନ୍ତି।

ବୈଧାନିକ ସମୀକ୍ଷକମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡିକ ସଠିକ ଏବଂ ପ୍ରଭାବଶାଳୀ ଭାବରେ ନିର୍ବାହ କରୁଛନ୍ତି ବୋଲି ସିଏଜି ସରକାରୀ ଉଦ୍ୟୋଗ ଗୁଡିକର ବୈଧାନିକ ସମୀକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ଏକ ତଦାରଖ ଭୂମିକା ଗ୍ରହଣ କରେ। କ୍ଷମତା ବ୍ୟବହାର କରି କରାଯାଉଥିବା କାର୍ଯ୍ୟଗୁଡିକ:

- କମ୍ପାନୀ ଅଧିନିୟମ 2013ର ଧାରା 143(5) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବା; ଏବଂ
- କମ୍ପାନୀ ଅଧିନିୟମ 2013ର ଧାରା 143(6) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କ ପ୍ରତିବେଦନ ଉପରେ ଅନୁପୂରକ ବା ମନ୍ତବ୍ୟ ଜାରି କରିବା।

### 5.4.3 ସରକାରୀ କମ୍ପାନୀଗୁଡିକର ହିସାବର ଅନୁପୂରକ ସମୀକ୍ଷା

କମ୍ପାନୀ ଅଧିନିୟମ 2013 କିମ୍ବା ଅନ୍ୟାନ୍ୟ ପ୍ରଯୁଜ୍ୟ ଅଧିନିୟମ ଅନୁଯାୟୀ ଧାର୍ଯ୍ୟ ହୋଇଥିବା ଆର୍ଥିକ ପ୍ରତିବେଦନ ଢ଼ାଞ୍ଚା ଅନୁଯାୟୀ ଆର୍ଥିକ ବିବରଣୀ ପ୍ରସ୍ତୁତ କରିବାର ମୁଖ୍ୟ ଦାୟିତ୍ୱ ହେଉଛି ସଂସ୍ଥାର ପରିଚାଳନା।

କମ୍ପାନୀ ଅଧିନିୟମ 2013ର ଧାରା 139 ଅନୁଯାୟୀ ସିଏଜି ଦ୍ୱାରା ନିଯୁକ୍ତ ହୋଇଥିବା ବୈଧାନିକ ସମୀକ୍ଷକମାନେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର (ଆଇସିଏଆଇ)ର ମାନକ ସମୀକ୍ଷା ପ୍ରଥା ଏବଂ ସିଏଜି ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଆର୍ଥିକ ବିବରଣୀ ଉପରେ ଏକ ସାଧାନ ସମୀକ୍ଷା କରି କମ୍ପାନୀ ଅଧିନିୟମ 2013ର ଧାରା 143 ଅନୁଯାୟୀ ମନ୍ତବ୍ୟ ଜାରି କରିବା ପାଇଁ ଦାୟୀ ଅଟନ୍ତି। କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ବୈଧାନିକ ସମୀକ୍ଷକମାନେ ସମୀକ୍ଷା ପ୍ରତିବେଦନକୁ ସିଏଜିଙ୍କୁ ଦାଖଲ କରିବା ଆବଶ୍ୟକ। .

ମନୋନୀତ ସରକାରୀ କମ୍ପାନୀଗୁଡିକର ପ୍ରମାଣୀକୃତ ହିସାବଗୁଡିକ ସହିତ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନକୁ ସିଏଜି ଏକ ଅନୁପୂରକ ସମୀକ୍ଷା ଦ୍ୱାରା ପୁନର୍ବିଲୋକନ କରିଥାନ୍ତି। ଏହି ସମୀକ୍ଷା ଅନୁସାରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ପର୍ଯ୍ୟବେକ୍ଷଣଗୁଡିକୁ କମ୍ପାନୀ ଅଧିନିୟମର ଧାରା 143(6) ଅନୁଯାୟୀ ବାର୍ଷିକ ସାଧାରଣ ସଭାରେ ସ୍ଥାନିତ କରାଯାଇଥାଏ।

## 5.5 ସିଏଜିଙ୍କ ତଦାରଖ ଭୂମିକାର ଫଳାଫଳ

### 5.5.1 କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ସରକାରୀ କମ୍ପାନୀ/ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ହିସାବର ସମୀକ୍ଷା

30 ସେପ୍ଟେମ୍ବର 2020 ସୁଦ୍ଧା ସାତଟି ସରକାରୀ କମ୍ପାନୀ ଏବଂ ଚାରୋଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ଠାରୁ 2019-20 ବର୍ଷ ପାଇଁ ସେମାନଙ୍କର ଆର୍ଥିକ ବିବରଣୀ ଗ୍ରହଣ କରାଯାଇଥିଲା। ଏଥି ମଧ୍ୟରୁ ଚାରୋଟି ସରକାରୀ କମ୍ପାନୀ ଏବଂ ତିନୋଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀର ହିସାବକୁ ସିଏଜିଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା।

ସିଏଜି 2019-20 ବର୍ଷ ପାଇଁ ସାତଟି କମ୍ପାନୀର ହିସାବ ସମୀକ୍ଷା କଲେ।

#### 5.5.1.1 ସରକାରୀ କମ୍ପାନୀ/ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ଉପରେ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନ ଉପରେ ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଅନୁପୂରକ ମନ୍ତବ୍ୟ

ବୈଧାନିକ ସମୀକ୍ଷକଙ୍କ ଦ୍ୱାରା 2019-20 ବର୍ଷ ପାଇଁ ଆର୍ଥିକ ବିବରଣୀଗୁଡିକର ସମୀକ୍ଷା ପରେ, ସିଏଜି ମନୋନୀତ ସରକାରୀ କମ୍ପାନୀଗୁଡିକ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଅନୁପୂରକ ସମୀକ୍ଷା କରିଥିଲେ। ମନ୍ତବ୍ୟ ଜାରି କରାଯାଇଥିବା ଏସ୍‌ପିଏସ୍‌ଇଗୁଡିକର ତାଲିକା **ପରିଶିଷ୍ଟ-27**ରେ ଦିଆଯାଇଛି। ସରକାରୀ କମ୍ପାନୀ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଆର୍ଥିକ ବିବରଣୀ ଉପରେ ଜାରି କରାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ, ଯାହାର ଆର୍ଥିକ ପ୍ରଭାବ ଏହାର ଲାଭ ଉପରେ 7.65 କୋଟି ଟଙ୍କା, ସମ୍ପତ୍ତି ହ୍ରାସ 443.52 କୋଟି ଟଙ୍କା ଏବଂ ଦାୟିତ୍ୱ ବୃଦ୍ଧିରେ 31.59 କୋଟି ଟଙ୍କା ଥିଲା, ଯାହା ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 5.2: ସରକାରୀ କମ୍ପାନୀ ଗୁଡିକର ଲାଭ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1 | ଗ୍ରୀଡ୍‌କୋ ଲିମିଟେଡ୍ (ପୃଥକ ଆର୍ଥିକ ବିବୃତ୍ତି) | (i) ଓଡିଶାର ପଶ୍ଚିମ ବିଦ୍ୟୁତ କମ୍ପାନୀ (ୱେସ୍କୋ) ୟୁଟିଲିଟି, ଉତ୍ତର ପୂର୍ବାଞ୍ଚଳ ବିଦ୍ୟୁତ ଯୋଗାଣ କମ୍ପାନୀ (ନେସ୍କୋ) ୟୁଟିଲିଟି ଏବଂ ଦକ୍ଷିଣାଞ୍ଚଳ ବିଦ୍ୟୁତ ଯୋଗାଣ କମ୍ପାନୀ (ସାଉଥକୋ) ୟୁଟିଲିଟି ମାନଙ୍କରୁ ଅଣନିର୍ଦ୍ଧାରିତ ଅଦଳବଦଳ (ୟୁଆଇ) କାର୍ଯ୍ୟର ହିସାବ ନହେବା ହେତୁ ପରିଚାଳନା ଆୟ (ୟୁଆଇ ଚାର୍ଜ) 42.94 କୋଟି ଟଙ୍କା ହ୍ରାସ ପାଇଥିଲା। ଏହାଦ୍ୱାରା ବାଣିଜ୍ୟ ପ୍ରାପ୍ତବ୍ୟରେ ଅବନତି ଏବଂ ସମାନ ପରିମାଣରେ କ୍ଷତିରେ ବୃଦ୍ଧି ହୋଇଥିଲା।<br>(ii) ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ଙ୍କ ନିର୍ଦ୍ଦେଶ କ୍ରମେ ୱେସ୍କୋକୁ ଦିଆଯାଇଥିବା ରିହାତିର ବ୍ୟବସ୍ଥାପନ ନହେବା ଦ୍ୱାରା ଅନ୍ୟାନ୍ୟ ଖର୍ଚ୍ଚ (ଛାଡ ଏବଂ ଟିପିଏସ୍) 4.58 କୋଟି ଟଙ୍କା ହ୍ରାସ ପାଇଥିଲା। ଏହା ଦ୍ୱାରା ବାଣିଜ୍ୟ ପ୍ରାପ୍ତବ୍ୟର ବୃଦ୍ଧି ହୋଇଥିଲା ଏବଂ ସମାନ ପରିମାଣର କ୍ଷତି କମ୍ ହୋଇଥିଲା।<br>(iii) ଓଇଆରସିର 28 ମାର୍ଚ୍ଚ 2019 ନିର୍ଦ୍ଦେଶ ଅନୁଯାୟୀ 2017-18 ବର୍ଷ ପାଇଁ ଅନୁପୂରକ ବିଦ୍ୟୁତ ବିଲ୍‌ର ବ୍ୟବସ୍ଥାକୁ ହ୍ରାସ ନକରିବା ଦ୍ୱାରା ଖର୍ଚ୍ଚ (ଶକ୍ତି ମୂଲ୍ୟ) 2.09 କୋଟି ଟଙ୍କା ଅଧିକ ହୋଇଯାଇଥିଲା। ଏହାଦ୍ୱାରା ଚଳନ୍ତି ଦାୟିତ୍ୱ ଏବଂ କ୍ଷତିରେ ସମାନ ପରିମାଣରେ 2.09 କୋଟି ଟଙ୍କା ବୃଦ୍ଧି ହୋଇଥିଲା। |
| 2 | ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ (ପୃଥକ ଆର୍ଥିକ ବିବୃତ୍ତି) | ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ଗେଜେଟ୍ ବିଜ୍ଞପ୍ତି 18 ମଇ 2015 ଅନୁଯାୟୀ ଜଳ ସଂରକ୍ଷଣ ପାଣ୍ଠିକୁ ଦିଆଯିବାକୁ ଥିବା ଅର୍ଥର ହିସାବ ନକରିବା ହେତୁ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ 18.39 କୋଟି ଟଙ୍କା ହ୍ରାସ ପାଇଥିଲା। ଏହାଦ୍ୱାରା ସମାନ ପରିମାଣରେ ଲାଭରେ ବୃଦ୍ଧି ଏବଂ ଚଳନ୍ତି ଦାୟିତ୍ୱରେ ହ୍ରାସ ପାଇଥିଲା। |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 3. | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | କର୍ମଚାରୀଙ୍କ ଦ୍ୱାରା ଦୁଇଟି ଗୋଦାମରେ ଯଥା ଦୁର୍ଗାପଲ୍ଲୀ ଏବଂ ବାଲେଶ୍ୱରରେ ଆତ୍ମସାତ କରାଯାଇଥିବା ଖାଦ୍ୟଶସ୍ୟର ହିସାବ ନହେବା କାରଣରୁ "ଜମାକାରୀଙ୍କ ଦ୍ୱାରା ନାମାନ୍ତର କରିବା ପାଇଁ ବ୍ୟବସ୍ଥାରେ" 1.22 କୋଟି ଟଙ୍କା ହ୍ରାସ ପାଇଥିଲା । ଏହାଦ୍ୱାରା ସମାନ ପରିମାଣରେ ପ୍ରତ୍ୟେକ 1.22 କୋଟି ଟଙ୍କାର ଚଳନ୍ତି ଦାୟିତ୍ୱରେ ହ୍ରାସ ଏବଂ ଲାଭରେ ବୃଦ୍ଧି ହୋଇଥିଲା । |
| 4 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | କର୍ମଚାରୀ ହିତ ଖର୍ଚ୍ଚରେ କମ୍ପାନୀ ଛୁଟି ଦରମା ପ୍ରଦାନ ପାଇଁ ଏଲ୍ଆଇସିର ବିମାଗଣନା ମୂଲ୍ୟାୟନ ପ୍ରତିବେଦନ ଅନୁଯାୟୀ ସମୂହ ଛୁଟି ଅର୍ଥାୟନ ଯୋଜନା (ଜିଏଲ୍ଇଏସ୍)ର ନବିକରଣ ପାଇଁ ବୀମାକିସ୍ତି ବାବଦରେ 1.12 କୋଟି ଟଙ୍କା ଅନ୍ତର୍ଭୁକ୍ତ କରାଯାଇ ନାହିଁ । ଏହାଦ୍ୱାରା "ସ୍ୱଳ୍ପ ମିଆଦୀ ଋଣ ଏବଂ ଅଗ୍ରିମରେ" 0.60 କୋଟି ଟଙ୍କା ବୃଦ୍ଧି, "ଅନ୍ୟ ଚଳନ୍ତି ଦାଇତ୍ୱରେ" 0.52 କୋଟି ଟଙ୍କା ହ୍ରାସ ଏବଂ 1.12 କୋଟି ଟଙ୍କା ଲାଭ ଅଧିକ ହୋଇଥିଲା । |
| 5. | ଓଡିଶା କୋଇଲା ଏବଂ ଶକ୍ତି ଲିମିଟେଡ୍ | ପୁଞ୍ଜିକୃତ ହେବା ପରେ ଜମି ଅଧିଗ୍ରହଣ କରିବା ପାଇଁ ଧାର କରାଯାଇଥିବା ପୁଞ୍ଜି ଉପରେ ସୁଧ ବାବଦରେ ଖର୍ଚ୍ଚକୁ ହିସାବ ନକରିବା କାରଣରୁ ଖର୍ଚ୍ଚ (ଆର୍ଥିକ ଖର୍ଚ୍ଚ) 14.14 କୋଟି ଟଙ୍କା ହ୍ରାସ ପାଇଥିଲା । ଏହାଦ୍ୱାରା ସମାନ ପରିମାଣରେ କ୍ଷତିର ହ୍ରାସ ଏବଂ ପୁଞ୍ଜି କାର୍ଯ୍ୟ ଅଗ୍ରଗତିର ବୃଦ୍ଧି ହୋଇଥିଲା । |
| 6. | ଓଡିଶା ଖଣି ନିଗମ ଲିମିଟେଡ୍ | (i) ମାନ୍ୟବର ଜେଏମ୍ଏଫ୍ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ 80,000 ଏମ୍ଟି ଜବତ ହୋଇଥିବା କ୍ରୋମ ଖଣିର ବିକ୍ରୟ ଆୟ ମଧ୍ୟରୁ 96.61 କୋଟି ଟଙ୍କାରେ ଦୁଇଟି ମିଆଦୀ ଜମା ଉପରେ ଉପାର୍ଜିତ ସୁଧର ଭୁଲ ହିସାବ ହେତୁ ଅନ୍ୟାନ୍ୟ ଆୟ 4.14 କୋଟି ଟଙ୍କା ବୃଦ୍ଧି ପାଇଥିଲା । ଏହାଦ୍ୱାରା ସେହି ବର୍ଷ ଲାଭ ଏବଂ ଚଳନ୍ତି ପୁଞ୍ଜି ପ୍ରତ୍ୟେକ 4.14 କୋଟି ଟଙ୍କା ବୃଦ୍ଧି ପାଇଥିଲା ।<br>(ii) 31 ମାର୍ଚ୍ଚ 2020 ରେ ଆୟକର ହାରକୁ 25.168 ପ୍ରତିଶତ ଏବଂ ସ୍ଥାୟୀ ପୁଞ୍ଜି ଅଧିନରେ ବିଳମ୍ବିତ ପୁଞ୍ଜି କର (ନିଟ୍) ବାବଦରେ 77.00 କୋଟି ଟଙ୍କା ହିସାବକୁ ନେଇ ନିଗମ 2019-20 ରେ 23.19 କୋଟି ଟଙ୍କାର ଅତିରିକ୍ତ ବିଳମ୍ବିତ କରର ବ୍ୟାବସ୍ଥା କରିଥିଲା । ଅଧିକନ୍ତୁ, ବିଳମ୍ବିତ ସମ୍ପତ୍ତି କର (ନିଟ୍) ଯାହାକି ଶତକଡା 34.94 ପ୍ରତିଶତରେ ହିସାବ ହୋଇଥିଲା ତାହା 25.168 ପ୍ରତିଶତକୁ ପୁନଃବିବୃତି ହୋଇନାହିଁ । 2019-20 ବର୍ଷ ପାଇଁ ପୁନଃବିବୃତ ପ୍ରାରମ୍ଭିକ ରୋକଡ 25.168 ପ୍ରତିଶତ ହାରରେ 38.76 କୋଟି ଟଙ୍କା (₹5380.92x25.168/34.94) ହେବାର ଥିଲା ଯାହାକି ଭୁଲରେ 53.81 କୋଟି ଟଙ୍କା ହିସାବ ହୋଇଥିଲା । ଏହାଦ୍ୱାରା ସମାନ ପରିମାଣରେ 'ସ୍ଥାୟୀ ସମ୍ପତ୍ତିରେ' ହ୍ରାସ ଏବଂ କର ଖର୍ଚ୍ଚରେ (ବିଳମ୍ବିତ କର) ହ୍ରାସ ହୋଇଥିଲା ତତ୍ସହିତ 'ଜାରି ରହିଥିବା କାର୍ଯ୍ୟରୁ ଲାଭ/କ୍ଷତିରେ' ମଧ୍ୟ 15.05 କୋଟି ଟଙ୍କା ବୃଦ୍ଧି ହୋଇଥିଲା । |
| 7. | ରାଉରକେଲା ସ୍ମାର୍ଟ ସିଟି ଲିମିଟଡ୍ | ସରକାରୀ ପାଣ୍ଠିରୁ ଅର୍ଜିତ ସୁଧକୁ ଜିଏଫ୍ଆର 2017 ନିୟମ 230(8) ଏବଂ ସାଧାରଣରେ ଗୃହୀତ ହିସାବ ନୀତିର ବିରୋଧରେ ଚଳନ୍ତି ଦାୟିତ୍ୱ ଭାବରେ ବିବେଚନା ନକରି ଅନ୍ୟ ଆୟ ଭାବରେ ହିସାବ କରିବା ଦ୍ୱାରା ଅନ୍ୟ ଆୟ 1.45 କୋଟି ଟଙ୍କା ବୃଦ୍ଧି ହୋଇଥିଲା । ଏହାଦ୍ୱାରା ସମାନ ପରିମାଣରେ ଅନ୍ୟ ଆୟରେ ବୃଦ୍ଧି ଏବଂ ଦାୟିତ୍ୱରେ 1.45 କୋଟିଟଙ୍କା ହ୍ରାସ ହୋଇଥିଲା । |
| 8. | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | ବଲାଙ୍ଗୀର ଜିଲ୍ଲାର ପ୍ରାଥମିକ କୃଷି ସମବାୟ ସମିତି (ପିଏସିଏସ୍)କୁ ପ୍ରଦାନ କରାଯିବାକୁ ଥିବା ମଣ୍ଡି ଶ୍ରମିକ ଖର୍ଚ୍ଚ (ଏମ୍ଏଲ୍ସି)ରେ ଅଣ-ବ୍ୟବସ୍ଥା ହେତୁ ଏମ୍ଏଲ୍ସି ସମବାୟ କ୍ରୟ ଖର୍ଚ୍ଚ 1.22 କୋଟି ଟଙ୍କା ହ୍ରାସ ପାଇଥିଲା । ଏହାଦ୍ୱାରା ଉଭୟ କ୍ଷତି ପୂର୍ବରୁ ସାହାଯ୍ୟ ଏବଂ ଚଳନ୍ତି ଦାୟିତ୍ୱ (ପିଏସିଏସ୍ ପାଇଁ) ବାବଦରେ ସମାନ ପରିମାଣରେ 1.22 କୋଟି ଟଙ୍କା ହ୍ରାସ ହୋଇଥିଲା । |

### ସାରଣୀ 5.3: ସରକାରୀ କମ୍ପାନୀ ଗୁଡିକର ଆର୍ଥିକ ସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1 | ଇଡକଲ୍ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ | ୨୦୦୪ ରୁ ନିକାସ ନହୋଇ ପଡିରହିଥିବା ଦୁଇଟି ସେଡ୍ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଇଣ୍ଡଏଏସ୍-୨୫ ଅନୁସାରେ ମୂଲ୍ୟ ହ୍ରାସ କ୍ଷତିର ହିସାବ ନହେବା କାରଣରୁ ସ୍ଥାୟୀ ସମ୍ପତ୍ତି (କାର୍ଯ୍ୟ ଚାଲୁଥିବା ପୁଞ୍ଜି)ରେ 3.୫୪ କୋଟି ଟଙ୍କା ବୃଦ୍ଧି ହୋଇଥିଲା। ଏହାଦ୍ୱାରା ସମାନ ପରିମାଣରେ କ୍ଷତିରେ ହ୍ରାସ ଦର୍ଶାଯାଇଥିଲା। |
| 2. | ଓଡିଶା ରାଜ୍ୟ ପଣ୍ୟାଗାର ଲିମିଟେଡ୍ | (i) ଚୁକ୍ତିର ବର୍ଦ୍ଧିତ ଅବଧି 2015-17 ମଧ୍ୟରେ ଏଚ୍‌ଆଣ୍ଡଟି ଚୁକ୍ତିକୁ ଚୂଡାନ୍ତ ନକରିବା ଦ୍ୱାରା ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ) ହୋଲଡିଂ ଏବଂ ପରିବହନ (ଏଚ୍‌ଆଣ୍ଡଟି) ଦେୟ ବାବଦରେ ସନ୍ଦେହଜନକ ଭାବେ ଆଦାୟ କରିଥିବା ରାଶିର ବ୍ୟବସ୍ଥା ନକରିବା ଦ୍ୱାରା ବିଭିନ୍ନ ପ୍ରକାର ଋଣ(ଏଫ୍‌ସିଆଇ ଦ୍ୱାରା କଟାଯାଇଥିବା ଭିନ୍ନ ଏଚ୍‌ଆଣ୍ଡଟି ହାର)ରେ ୫.୭୫ କୋଟିଟଙ୍କା ବୃଦ୍ଧି ପାଇଥିଲା। ଏହାଦ୍ୱାରା ସମାନ ପରିମାଣରେ ହୋଲଡିଂ ଏବଂ ପରିବହନ ଦେୟ ହ୍ରାସ ଏବଂ ଲାଭ ବାବଦରେ ୫.୭୫ କୋଟି ଟଙ୍କା ବୃଦ୍ଧି ହୋଇଥିଲା।<br><br>(ii) ବେସରକାରୀ ଉଦ୍ୟୋଗୀ ଗ୍ୟାରେଣ୍ଟି (ପିଇଜି) ପରିକଳ୍ପନା ଅଧୀନରେ ଫେବୃୟାରୀ 2011 ରୁ ମାର୍ଚ୍ଚ 2017 ମଧ୍ୟରେ 15 ଟି ଡିପୋର ଭଣ୍ଡାର କ୍ଷତି ବାବଦରେ ସନ୍ଦେହଜନକ ଭାବେ ଆଦାୟ ଭାବେ ରାଶିର ଅଣବ୍ୟବସ୍ଥା ହେତୁ ଅନ୍ୟ ଦାୟିତ୍ୱରେ 1.57 କୋଟି ଟଙ୍କା ହ୍ରାସ ପାଇଥିଲା। ଏହାଦ୍ୱାରା ସମାନ ପରିମାଣରେ ଜମାକାରୀଙ୍କ ଦ୍ୱାରା ନାମଞ୍ଜୁର ହୋଇଥିବା ବ୍ୟବସ୍ଥାରେ ହ୍ରାସ ଏବଂ ଲାଭରେ ବୃଦ୍ଧି ହୋଇଥିଲା। |
| 3. | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | ତିନୋଟି ବିଭାଗ ଯଥାକ୍ରମେ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ), ଜଙ୍ଗଲ ଏବଂ ପରିବେଶ ବିଭାଗ (ଏଫ୍‌ଆଣ୍ଡଇ ବିଭାଗ) ଏବଂ ପଞ୍ଚାୟତି ରାଜ ଏବଂ ପାନୀୟଜଳ ବିଭାଗ (ପିଆର ବିଭାଗ) ମାନଙ୍କୁ ଦିଆଯାଇଥିବା ଅବ୍ୟବହୃତ ଅଗ୍ରୀମ ରାଶି ଉପରେ ଅର୍ଜିତ ସୁଧର ହିସାବ ନହେତୁ ଚଳନ୍ତି ସମ୍ପତ୍ତି (ଉପାର୍ଜିତ ସୁଧ)ରେ 13.05 କୋଟି ଟଙ୍କା ହ୍ରାସ ପାଇଥିଲା। ଏହାଦ୍ୱାରା ଅନ୍ୟ ଆୟ, ରିଜର୍ଭ ଏବଂ ବଳକା ଏବଂ ଆୟରେ ପ୍ରତ୍ୟେକ 13.05 କୋଟି ଟଙ୍କା ହ୍ରାସ ହୋଇଥିଲା। |
| 4. | ଓଡିଶା କୋଇଲା ଏବଂ ଶକ୍ତି ଲିମିଟେଡ୍ | ବର୍ଷରେ ପୁଞ୍ଜିଭୂତ ହୋଇଥିବା ଜମିକୁ ଅଧିକୃତ କରିବା ପାଇଁ ହୋଇଥିବା କରଜ ମୂଲ୍ୟକୁ ଅଣ-ପୁଞ୍ଜିଭୂତ କରିବା ଦ୍ୱାରା ଅନ୍ୟ ଚଳନ୍ତି ସମ୍ପତ୍ତିରେ 42.05 କୋଟି ଟଙ୍କା ହ୍ରାସ ହୋଇଥିଲା। ଏହାଦ୍ୱାରା କାର୍ଯ୍ୟ ଚାଲୁରହିଥିବା ପୁଞ୍ଜିରେ ସମପରିମାଣରେ ବୃଦ୍ଧି ହୋଇଥିଲା। ଅଧିକନ୍ତୁ, ଜମିର ଅବକ୍ଷୟତା ମୂଲ୍ୟକୁ ହିସାବ ନକରିବା ଦ୍ୱାରା ଅନ୍ୟ ଖର୍ଚ୍ଚ ଏବଂ କ୍ଷତିରେ ସମପରିମାଣରେ 1.40 କୋଟି ଟଙ୍କା ହ୍ରାସ ହୋଇଥିଲା। |
| 5. | ଓଡିଶା ଖଣି ନିଗମ ଲିମିଟେଡ୍ | (i) ମେସର୍ସ ବେଦାନ୍ତ ଲିମିଟେଡ୍ ଉତ୍ତୋଳନ କରିଥିବା ବକ୍ସାଇଟ୍‌ର ବିଭିନ୍ନ ବିକ୍ରୟ ମୂଲ୍ୟର ଭୁଲ ହିସାବ ହେତୁ ଚଳନ୍ତି ସମ୍ପତ୍ତି (ବ୍ୟବସାୟିକ ପ୍ରାପ୍ୟ) 103.19 କୋଟି ଟଙ୍କା ବୃଦ୍ଧି ହୋଇଥିଲା। ସମ୍ପୃକ୍ତପକ୍ଷ ସହିତ ଆଇନଗତ ବିବାଦ ଉପୁଜିଥିବାରୁ ଘଟଣାଟି ବିଚାରାଧୀନ ଥିଲା। ଏହାଦ୍ୱାରା ବ୍ୟବସାୟିକ ରାଜସ୍ୱ ସମପରିମାଣରେ ବୃଦ୍ଧି ହୋଇଥିଲା।<br><br>(ii) ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୂର୍ବବର୍ଷ ମାନଙ୍କରେ ଜବତ ହୋଇଥିବା ଗନ୍ଧମାର୍ଦ୍ଦନ ଏବଂ କାଳିଆପାଣି ଖାଦାନର ଷ୍ଟକ୍ ସଂଗୃହିତ ବିକ୍ରୟ ମୂଲ୍ୟର ଭୁଲ ବିଚାର ହେତୁ ଅନ୍ୟ ସ୍ଥାୟୀ ସମ୍ପତ୍ତି (ନିଟ୍ ଖଣିଜ ଷ୍ଟକ୍)ରେ ୪୨୫.36 କୋଟି ଟଙ୍କା ବୃଦ୍ଧି ହୋଇଥିଲା। ଏହାକୁ ସମ୍ଭାବ୍ୟ ଦାୟିତ୍ୱ ଭାବରେ ଦର୍ଶାଯାଇ ପାରିଥାନ୍ତା। ଅନୁପଯୁକ୍ତ ହିସାବ ଦ୍ୱାରା ଉପରୋକ୍ତ ହେଡ୍‌ରେ ଏବଂ ଉପାର୍ଜନରେ ୪୨୫.36 କୋଟି ଟଙ୍କା ବୃଦ୍ଧି ହୋଇଥିଲା। |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 6. | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | (i) ଭାରତ ସରକାରଙ୍କଠାରୁ ପ୍ରାପ୍ତ ଅନୁଦାନ ଉପରେ ଅର୍ଜିତ ସୁଧକୁ ଜିଏଫ୍‌ଆର 2005/ଏସ୍‌ସିଏମ୍ ନିର୍ଦ୍ଦେଶାବଳୀ ଏବଂ ପରବର୍ତ୍ତୀ ସମୟରେ ଜିଏଫ୍‌ଆର 2017 ରେ ସଂଶୋଧିତ ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରି ଭୁଲ ହିସାବ କରିବା ଦ୍ୱାରା ସ୍ଥାୟୀ ଦାୟିତ୍ୱ 39.15 କୋଟି ଟଙ୍କା ବୃଦ୍ଧି ହୋଇଥିଲା। ଏହାଦ୍ୱାରା ଚଳନ୍ତି ଦାୟିତ୍ୱ ସମାନପରିମାଣରେ ହ୍ରାସ ପାଇଥିଲା।<br>(ii) ସ୍ମାର୍ଟ ସମାଧାନ ପ୍ରକଳ୍ପର ଏକୀକୃତ ପ୍ରକଳ୍ପ କାର୍ଯ୍ୟ ଯଥା ଡିପିଆର ପ୍ରସ୍ତୁତି କରିବା, ସର୍ବେକ୍ଷଣ କରିବା ଇତ୍ୟାଦି ପାଇଁ ମେସର୍ସ ଟାଟା ପରାମର୍ଶଦାତା ଇଞ୍ଜିନିୟର୍ସ ଲିମିଟେଡ୍ (ଟିସିଇଏଲ୍)କୁ ଦିଆଯାଇଥିବା ପରାମର୍ଶ ଖର୍ଚ୍ଚକୁ ଭୁଲରେ ରାଜସ୍ୱ ଖର୍ଚ୍ଚ ଭାବରେ ହିସାବ କରିବା ଦ୍ୱାରା କାର୍ଯ୍ୟ ଚାଲୁଥିବା ପୁଞ୍ଜି (ସିଡବ୍ଲ୍ୟୁଆଇପି)ରେ 5.34 କୋଟି ଟଙ୍କାରେ ହ୍ରାସ ହୋଇଥିଲା। ଏହାଦ୍ୱାରା ସମାନ ପରିମାଣରେ ଅନ୍ୟାନ୍ୟ ଖର୍ଚ୍ଚରେ ବୃଦ୍ଧି ଏବଂ ସିଡବ୍ଲ୍ୟୁଆଇପିରେ 5.34 କୋଟି ଟଙ୍କା ହ୍ରାସ ହୋଇଥିଲା। |
| 7. | ଓଡିଶାର ଜଳ ନିଗମ ଲିମିଟେଡ୍ | ଠିକାଦାରଙ୍କଠାରୁ ଓଡିଶା ଜଳ ଯୋଗାଣ ଏବଂ ପରିମଳ ବୋର୍ଡ (ଓଡବ୍ଲ୍ୟୁଏସ୍‌ଏସ୍‌ବି) କାଟିଥିବା(ଡିସେମ୍ବର 2019) ସିକ୍ୟୁରିଟି ଜମାଗୁଡିକୁ ହିସାବ ନହେବା ହେତୁ ସଳ୍ପମିଆଦ ଧାରଗୁଡିକ 6.72 କୋଟି ଟଙ୍କା ହ୍ରାସ ହୋଇଥିଲା ଏବଂ ହିସାବ ପ୍ରମାଣୀକରଣ ପୂର୍ବରୁ ନିଗମକୁ ଅବଗତ କରାଯାଇଥିଲା (ଜୁନ୍ 2020)। ଏହାଦ୍ୱାରା ସମପରିମାଣରେ ଚଳନ୍ତି ସମ୍ପତ୍ତିରେ ହ୍ରାସ ହୋଇଥିଲା। |
| 8. | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | (i) ଜିଏଫ୍‌ଆର 2017 ର ନିବନ୍ଧନ ଓ ସର୍ତ୍ତଗୁଡିକୁ ଉଲ୍ଲଙ୍ଘନ କରି ଭାରତ ସରକାରଙ୍କଠାରୁ ପ୍ରାପ୍ତ ଅନୁଦାନ ଉପରେ ଅର୍ଜିତ ସୁଧର ଭୁଲ ହିସାବ ଯୋଗୁ ଅନ୍ୟାନ୍ୟ ଇକ୍ୱିଟି 5.81 କୋଟି ଟଙ୍କା ବୃଦ୍ଧି ହୋଇଥିଲା। ଏହାଦ୍ୱାରା ସମାନ ପରିମାଣରେ ଚଳନ୍ତି ଦାଇତ୍ୱଗୁଡିକ ହ୍ରାସ ପାଇଲା।<br>(ii) ବସ୍ କ୍ୟୁ ଆଶ୍ରୟସ୍ଥଳର ନିର୍ମାଣ କାର୍ଯ୍ୟ ସମାପ୍ତି ହୋଇ ତାହା କମ୍ପାନୀ ଦ୍ୱାରା ବ୍ୟବହୃତ କରାଯାଉଥିଲେ ମଧ୍ୟ ତାହାକୁ ହିସାବ ନହେବା କାରଣରୁ 'ସମ୍ପତ୍ତି, ସଂଯନ୍ତ୍ର ଏବଂ ସାଜସଜ୍ଜା'ରେ 29.32 କୋଟି ଟଙ୍କା ହ୍ରାସ ହୋଇଥିଲା। ଏହାଦ୍ୱାରା ସମପରିମାଣରେ କାର୍ଯ୍ୟ ଚାଲୁଥିବା ପୁଞ୍ଜିରେ ବୃଦ୍ଧି, ଅବକ୍ଷୟତା ଖର୍ଚ୍ଚରେ ହ୍ରାସ ଏବଂ ଅନ୍ୟାନ୍ୟ ଆୟରେ (ବିଳମ୍ବ ଆୟ-ପୁଞ୍ଜି ଅନୁଦାନ) 13.21 କୋଟି ଟଙ୍କା ହ୍ରାସ ପାଇଥିଲା।<br>(iii) ସ୍ମାର୍ଟ ସଲ୍ୟୁସନ ପ୍ରକଳ୍ପ, କ୍ଷେତ୍ର ଭିତ୍ତିକ ଉନ୍ନୟନ ଏବଂ ପ୍ରକଳ୍ପ ଆରମ୍ଭ ଓ ଅବଧାରଣା, ଡିପିଆର ପରାମର୍ଶଦାତା, ଠିକାଦାର ଇତ୍ୟାଦି ଯୋଗାଡ କରିବା ନିମିତ୍ତ ତିନି କାର୍ଯ୍ୟ ପରିଚାଳନା ପରାମର୍ଶଦାତାଙ୍କୁ ପ୍ରଦତ୍ତ ପରାମର୍ଶ ଦେୟ ରାଜସ୍ୱ ଖର୍ଚ୍ଚ ଭାବରେ ଭୁଲ ହିସାବ କରିବାରୁ ପୁଞ୍ଜି କାର୍ଯ୍ୟ ପ୍ରଗତି 23.84 କୋଟି ଟଙ୍କା କମ୍‌ରେ ହିସାବ କରାଯାଇଥିଲା। ଏହାଫଳରେ ଅନ୍ୟାନ୍ୟ ଖର୍ଚ୍ଚ ଏବଂ କ୍ଷତି 23.84 କୋଟି ଟଙ୍କା (5.16 କୋଟି ଟଙ୍କା 2019-20 ପାଇଁ ଓ 18.68 କୋଟି ଟଙ୍କା ପୂର୍ବ ଅବଧିପାଇଁ ଥିଲା) ଅଧିକ ହିସାବ କରାଯାଇଥିଲା। |
| 9. | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | (i) ଚଳନ୍ତି ଦାୟିତ୍ୱ (ବାଣିଜ୍ୟ ଦେୟ)ରେ 2017-18 ବର୍ଷ ପାଇଁ କମ୍ପାନୀ ଦ୍ୱାରା ଭଡାରେ ନିଆଯାଇଥିବା ଗୋଦାମ ଘରର ଭଡା 2.59 କୋଟି ଟଙ୍କା ଅନ୍ତର୍ଭୁକ୍ତ ନଥିଲା। ଏହାଫଳରେ ଉଭୟ ବାଣିଜ୍ୟ ଦେୟ (ଗୋଦାମ ଘର ଭଡା) ଏବଂ ସବ୍‌ସିଡି ପୂର୍ବ କ୍ଷତି 2.59 କୋଟି ଟଙ୍କା କମ୍‌ରେ ହିସାବ କରାଯାଇଥିଲା।<br>(ii) ସ୍ଥାୟୀ ସମ୍ପତ୍ତି (ଦୃଶ୍ୟମାନ ସମ୍ପତ୍ତି)ରେ ଉଦ୍ୟୋଗ ସମ୍ବଳ ଯୋଜନା (ଇଆରପି)/ଏସ୍‌ଏପି ବାବଦ ଖର୍ଚ୍ଚ 4.96 କୋଟି ଟଙ୍କା ଅନ୍ତର୍ଭୁକ୍ତ ନଥିଲା। 31 ମାର୍ଚ୍ଚ 2018 ସୁଦ୍ଧା କମ୍ପାନୀ ଇଆରପି/ଏସ୍‌ଏପି କାର୍ଯ୍ୟାନ୍ୱୟନ ପାଇଁ 7.14 କୋଟି ଟଙ୍କା ଖର୍ଚ୍ଚ କରିଥିଲା, କିନ୍ତୁ ଏହା 2017-18 ର ବାର୍ଷିକ ହିସାବରେ |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | କେବଳ 2.18 କୋଟି ଟଙ୍କା ପୁଞ୍ଜି ବ୍ୟୟ ବାବଦକୁ ନିଆଯାଇଥିଲା। ପୁନଶ୍ଚ, ମୋଟ ବ୍ୟୟ 7.14 କୋଟି ଟଙ୍କାରୁ 0.29 କୋଟି ଟଙ୍କା, 2.43 କୋଟି ଟଙ୍କା ଏବଂ 1.65 କୋଟି ଟଙ୍କା ପୁଞ୍ଜି ଖର୍ଚ୍ଚ ବଦଳରେ ରାଜସ୍ୱ ଖର୍ଚ୍ଚ ଭାବେ ଯଥାକ୍ରମେ 2015-16, 2016-17 ଓ 2017-18 ବାର୍ଷିକ ହିସାବରେ ନିଆଯାଇଥିଲା ଏବଂ ବଳକା 0.59 କୋଟି ଟଙ୍କା 2017-18 ରେ ହିସାବକୁ ନିଆଯାଇ ନଥିଲା। ଯେହେତୁ ଇଆରପି ବାବଦ ଖର୍ଚ୍ଚ ସ୍ଥାୟୀ ଲାଭ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଉକ୍ତ ଲାଭ ଅନ୍ୟୂନ୍ୟ ଛଅ ବର୍ଷ ଅବଧିରେ ମିଳିବାକୁ ଥିଲା, ଏଣୁ ଇଆରପି ପ୍ରଣାଳୀ ବାବଦ ଖର୍ଚ୍ଚ ରାଜସ୍ୱ ପରିବର୍ତ୍ତେ ପୁଞ୍ଜିବ୍ୟୟ ହିସାବରେ ନିଆଯିବା ଉଚିତ ଥିଲା।<br>ଏହାଫଳରେ ଦୃଶ୍ୟମାନ ସମ୍ପତ୍ତି 4.96 କୋଟି ଟଙ୍କା କମ୍ ନିଆଯାଇଥିଲା ଏବଂ ସବ୍‌ସିଡି ପୂର୍ବ କ୍ଷତି 4.96 କୋଟି ଟଙ୍କା ଅଧିକ ହୋଇଯାଇଥିଲା। |

**ସାରଣୀ 5.4: ଡିସକ୍ଲୋଜର ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1 | ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ | 2016-17 ରୁ 2018-19 ମଧ୍ୟରେ କମ୍ପାନୀ ଉଡାନ୍ତା ପାଉଁଶ ବିକ୍ରୟରୁ ପ୍ରାପ୍ତ ମୂଲ୍ୟ 0.57 କୋଟି ଟଙ୍କା ହିସାବକୁ ନେଇଥିଲା। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ (ଏମ୍ଓଇଏଫ୍) ଦ୍ୱାରା ଜାରି କରାଯାଇଥିବା 3 ନଭେମ୍ବର 2009 ର ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ତାପଜ ବିଦ୍ୟୁତ କେନ୍ଦ୍ର ଦ୍ୱାରା ଉଡନ୍ତା ପାଉଁଶ ବିକ୍ରୟରୁ ସଂଗ୍ରହ କରାଯାଇଥିବା ଅର୍ଥକୁ "ଉଡନ୍ତା ପାଉଁଶ ଉପଯୋଗୀକରଣ ରିଜର୍ଭ ପାଣ୍ଠି" ଭାବରେ ଏକ ପୃଥକ ଖାତା ନାମରେ ରଖିବା ଉଚିତ ଥିଲା ଏବଂ ଏହାକୁ ଭିତ୍ତିଭୂମି କିମ୍ବା ସୁବିଧାଗୁଡିକର ବିକାଶ, ଶତପ୍ରତିଶତ ଉଡନ୍ତା ପାଉଁଶ ବ୍ୟବହାର ନହେବା ପର୍ଯ୍ୟନ୍ତ ଉଡନ୍ତା ପାଉଁଶର ବ୍ୟବହାର ପାଇଁ ପ୍ରୋତ୍ସାହନ ଓ ସୌହାର୍ଦ୍ୟ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯିବା ଉଚିତ। କମ୍ପାନୀ ପୃଥକ ନାମରେ ଖାତା ବା 0.57 କୋଟି ଟଙ୍କାର ଉଡନ୍ତା ପାଉଁଶ ଉପଯୋଗୀକରଣ ପାଣ୍ଠି କରିନଥିଲା କିମ୍ବା ପୃଥକ ନାମରେ ଖାତା ନକରିବାର କାରଣ ହିସାବ ଟିପ୍ପଣୀରେ ଉପଯୁକ୍ତ ଭାବରେ ଦର୍ଶାଇ ନଥିଲା। |
| 2. | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | କମ୍ପାନୀ ଚଳିତ ବର୍ଷ ଅବକ୍ଷୟଣ ହିସାବ କରିବାର ପଦ୍ଧତି ଷ୍ଟ୍ରେଟ୍ ଲାଇନରୁ ଡବ୍ଲ୍ୟୁଡିଭିକୁ ପରିବର୍ତ୍ତନ କରିଥିଲା ଏବଂ ଏହା ହିସାବ ଟିପ୍ପଣୀରେ ମଧ୍ୟ ଉଲ୍ଲେଖ କରିଥିଲା। ତେବେ, ଆକାଉଣ୍ଟିଙ୍ଗ ଷ୍ଟାଣ୍ଡାର୍ଡ-5 ର ଆବଶ୍ୟକତା ଅନୁଯାୟୀ କମ୍ପାନୀ ନୀତିରେ ପରିବର୍ତ୍ତନର ପ୍ରଭାବ ହିସାବରେ ଉଲ୍ଲେଖ କରିନଥିଲା। |
| 3. | ଓଡିଶାର ସବୁଜ ଶକ୍ତି ବିକାଶ ନିଗମ (ପୃଥକ ଆର୍ଥିକ ବିବୃତ୍ତି) | ଭାରତ ସରକାରଙ୍କ ନୂତନ ଓ ନବୀକରଣୀ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ (ଏମ୍ଏନ୍ଆରଇ)ର ଅତି ବୃହତ ସୌରଶକ୍ତି ଉଦ୍ୟାନ ଯୋଜନା ଅଧୀନରେ ସୌରଶକ୍ତି ଉଦ୍ୟାନ ପ୍ରକଳ୍ପର ପର୍ଯ୍ୟାୟ-I (275 ମେଗାୱାଟ୍) ପାଇଁ ଜମି ଅଧିଗ୍ରହଣ ବାବଦକୁ କମ୍ପାନୀ ଦ୍ୱାରା ଜମା କରାଯାଇଥିବା 9.40 କୋଟି ଟଙ୍କାକୁ ପୁଞ୍ଜି କାର୍ଯ୍ୟ ପ୍ରଗତିରେ ଅନ୍ତର୍ଭୁକ୍ତ କରାଯାଇଥିଲା। ମୋଟ 1,000 ମେଗାୱାଟ୍ ପ୍ରକଳ୍ପ ମଧ୍ୟରୁ ପର୍ଯ୍ୟାୟ-I 275 ମେଗାୱାଟ୍ ପ୍ରକଳ୍ପର ସବିଶେଷ ପ୍ରକଳ୍ପ ପ୍ରତିବେଦନ (ଡିପିଆର) 28 ଜାନୁଆରୀ 2019 ରେ ଏମ୍ଏନ୍ଆରଇ ଦ୍ୱାରା ଅନୁମୋଦିତ ହୋଇଥିଲା ଏବଂ ପର୍ଯ୍ୟାୟ-II (725 ମେଗାୱାଟ୍) ପ୍ରକଳ୍ପର ଧୀମା ପ୍ରଗତି ଓ ଜମି ଚିହ୍ନଟ କରାଯାଇନଥିବା ହେତୁ ବାତିଲ କରିଦିଆଗଲା। ପ୍ରସ୍ତାବିତ ସୌରଶକ୍ତି ପ୍ରକଳ୍ପ ଉଦ୍ୟାନ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ମନ୍ଥର ଗତି ହେତୁ ଅଗଷ୍ଟ 2020 ରେ ଏମ୍ଏନ୍ଆରଇ ପର୍ଯ୍ୟାୟ-I (275 ମେଗାୱାଟ୍) ପ୍ରକଳ୍ପ ମଧ୍ୟ ବାତିଲ କରିଦେଇଥିଲା। |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | ଇଣ୍ଡଏଏସ୍‌ର ଧାରା 3(ଖ) ଅନୁଯାୟୀ, ଏହି ଘଟଣାଟି ରିପୋର୍ଟିଂ ଅବଧି ପରେ ସୃଷ୍ଟି ହୋଇଥିଲା ଯାହାକି ହିସାବରେ ସମାୟୋଜନ ହୋଇପାରିବ ନାହିଁ । ଅଧିକନ୍ତୁ, ଇଣ୍ଡଏଏସ୍-10 ର ଧାରା 21 ଅନୁଯାୟୀ, ଯଦି ଏହିପରି ଅଣ-ସମାୟୋଜକ ଘଟଣାଗୁଡିକ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ଉଲ୍ଲେଖ ନକରିବା ଦ୍ୱାରା ଉପଭୋକ୍ତାମାନେ ବିତ୍ତୀୟ ବିବରଣୀ ଆଧାରରେ ନେଉଥିବା ଅର୍ଥନୈତିକ ନିଷ୍ପତ୍ତି ଉପରେ ପ୍ରଭାବ ପକାଇବାର ଥିଲା, ତେବେ ସଂସ୍ଥା ଏହାକୁ ହିସାବ ଟିପ୍ପଣୀରେ ଉଲ୍ଲେଖ କରିବା ଉଚିତ ଥିଲା । ତେଣୁ, ନବୀକରଣ ଯୋଗ୍ୟ ଶକ୍ତି ସମ୍ପଦଗୁଡିକର ସଂସ୍ଥାପନା, କମ୍ପାନୀର ମୂଳ ଉଦ୍ଦେଶ୍ୟ ହୋଇଥିବାରୁ ଭାରତୀୟ ଏଏସ୍-10 ଅନୁଯାୟୀ ପ୍ରକଳ୍ପ ବାତିଲ ହେବା ପ୍ରସଙ୍ଗଟି ବାର୍ଷିକ ହିସାବରେ ଉପଯୁକ୍ତ ଭାବରେ ଉଲ୍ଲେଖ କରାଯିବାର ଥିଲା । |
| 4 | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | ସ୍ମାର୍ଟ ସିଟି ପ୍ରକଳ୍ପ କାର୍ଯ୍ୟକାରି କରିବା ପାଇଁ ରାଉରକେଲା ପୌର ନିଗମ (ଆର୍‌ଏମ୍‌ସି) ଅଧିନରେ ଆସୁଥିବା ଏନ୍‌ଏସ୍‌ସିବି ଉଦ୍ୟାନ, ଉଦିତନଗର ଏବଂ ରୋଟାରୀ-I ଓ II ଉଦ୍ୟାନରେ ନୂତନ ଆଲୋକ ବ୍ୟବସ୍ଥା ସ୍ଥାପନ, ଚଲାପଥ ଏବଂ ମୁକ୍ତାକାଶ ରଙ୍ଗମଞ୍ଚ ନିର୍ମାଣରେ 1.21 କୋଟି ଟଙ୍କା ପୁଞ୍ଜି ବ୍ୟୟ ହୋଇଥିଲା । ପ୍ରକଳ୍ପଗୁଡିକ ବର୍ଷ 2019-20 ରେ ସମ୍ପୂର୍ଣ୍ଣ ହୋଇଥିଲା । ସୃଷ୍ଟି ହୋଇଥିବା ନୂତନ ସମ୍ପତ୍ତିର ମାଲିକାନା ନିଶ୍ଚିତ ହେବା ଉଚିତ ଏବଂ ସଠିକ ହିସାବ ପାଇଁ ବିତ୍ତୀୟ ବିବରଣୀର ଅଂଶ ଭାବରେ ବାର୍ଷିକ ହିସାବରେ ଟିପ୍ପଣୀରେ ଉଲ୍ଲେଖ ହେବା ଉଚିତ । ତେଣୁ ବାର୍ଷିକ ହିସାବ ଟିପ୍ପଣୀରେ ସେହି ପରିମାଣରେ ଅଭାବ ଥିଲା । |
| 5 | ଓଡିଶାର ଜଳ ନିଗମ ଲିମିଟେଡ୍ | ଭୁବନେଶ୍ୱର ସହରର ନର୍ଦ୍ଦମା ଦ୍ୱାରା ମଇଳା ନିଷ୍କାସନ ପ୍ରକଳ୍ପ ଓଡିଶା ସରକାରଙ୍କ ରିଜୋଲ୍ୟୁସନ (ସେପ୍ଟେମ୍ବର 2019) ଏବଂ ନୂତନ ଚୁକ୍ତିନାମାର ନିଷ୍ପାଦନ (ନଭେମ୍ବର 2019) ଅନୁଯାୟୀ ପ୍ରକଳ୍ପର ସମସ୍ତ ଦେୟ ଓ ଦାୟିତ୍ୱ ସହିତ ଓଡିଶା ଜଳ ଯୋଗାଣ ଓ ମଇଳା ନିଷ୍କାସନ ମଣ୍ଡଳୀ (ଓଡବ୍ଲ୍ୟୁଏସ୍‌ଏସ୍‌ବି) ଠାରୁ ନିଗମକୁ ହସ୍ତାନ୍ତର ହୋଇଥିଲା । ଫଳସ୍ୱରୂପ ଚାଲୁଥିବା ପ୍ରକଳ୍ପର ମାଲିକାନା ନିଗମ ପାଖରେ ରହିଥିଲା । ତେଣୁ, ବାର୍ଷିକ ହିସାବ ଟିପ୍ପଣୀରେ ଏପରି ସ୍ଥାନାନ୍ତର ପୂର୍ବରୁ ପ୍ରଦାନ କରାଯାଇଥିବା ଦେୟ ସମ୍ବନ୍ଧରେ ନିଗମ ଉପଯୁକ୍ତ ଭାବରେ ଉଲ୍ଲେଖ କରିବାର ଆବଶ୍ୟକତା ଥିଲା । |
| 6 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | (i) ସ୍ମାର୍ଟ ସିଟି ମିଶନର କାର୍ଯ୍ୟକାରିତା ପାଇଁ ବିଏସ୍‌ସିଏଲ୍ ଦ୍ୱାରା ପ୍ରାପ୍ତ ଅନୁଦାନ ମଧ୍ୟରୁ କିଛି ଅର୍ଥ ରାଶି ଅନ୍ୟାନ୍ୟ କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ଯଥା-ବିଏମ୍‌ସି, କୁଟ୍, ବିଡିଏ, ପିଏଚ୍‌ଇଡି ଇତ୍ୟାଦିଙ୍କୁ ସୁବିଧା ବା ସେବା ଯୋଗାଇ ଦେବାକୁ ପ୍ରଦାନ କରାଯାଇଥିଲା (କିମ୍ବା ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା) । ସେହି ସଂସ୍ଥାମାନଙ୍କୁ ପ୍ରଦତ୍ତ ଅର୍ଥରାଶି ଓ ଅନୁଦାନର ଉପଯୁକ୍ତ ହିସାବ ପାଇଁ ସେହି ସଂସ୍ଥାମାନଙ୍କ ଦ୍ୱାରା ସୃଷ୍ଟିହେବାକୁ ଥିବା ସମ୍ପତ୍ତିଗୁଡିକର ମାଲିକାନା ପୂର୍ବରୁ ନିଶ୍ଚିତ କରିବାର ଥିଲା । ଏହା ବିତ୍ତୀୟ ବିବରଣୀର ଅଂଶ ହୋଇଥିବା ବାର୍ଷିକ ହିସାବର ଟିପ୍ପଣୀରେ ଉଲ୍ଲେଖ କରାଯିବା ଉଚିତ ଥିଲା । ତେଣୁ, ବାର୍ଷିକ ହିସାବରେ ଟିପ୍ପଣୀ ସେହି ପରିମାଣରେ ଅଭାବ ଥିଲା ।<br><br>(ii) ବିତ୍ତୀୟ ବିବରଣୀର ଅଂଶ ବାର୍ଷିକ ହିସାବ ଟିପ୍ପଣୀର ସଂଖ୍ୟା 3.10.3 ରେ ଏହା ଦର୍ଶାଯାଇଥିଲା ଯେ, ସହ-ହିତାଧିକାରୀଙ୍କ ସତନ୍ତ୍ର ବ୍ୟବହାର ସହିତ ଭବିଷ୍ୟତ ଅର୍ଥନୈତିକ ମୂଲ୍ୟ ଥିବା ଗୋଟିଏ କ୍ଲଷ୍ଟର ପ୍ରକଳ୍ପରେ ହୋଇଥିବା ଖର୍ଚ୍ଚକୁ ଉପଭୋକ୍ତା ଅଧିକାର ଭାବରେ ପୁଞ୍ଜିଭୂତ କରାଯାଇଥିଲା ଯାହାକି ସମ୍ପତ୍ତି ଉପରେ କୌଣସି ଭୌତିକ ନିୟନ୍ତ୍ରଣ ବିନା କରାଯାଇଥିଲା । ପୁନଶ୍ଚ, ଟିପ୍ପଣୀ 3.10.4 ଅନୁଯାୟୀ, ପୃଥକ ଭାବରେ କ୍ରୟ କରାଯାଇଥିବା ଅପରେଟିଂ ସଫ୍ଟୱେୟାରକୁ ଅଦୃଶ୍ୟମାନ ସମ୍ପତ୍ତି ଭାବରେ ପୁଞ୍ଜିଭୂତ |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | କରାଯାଇଥିଲା । ଯେଉଁଠାରେ କି ସେଗୁଡିକ କମ୍ପାନୀ ପାଇଁ ଦୀର୍ଘକାଳୀନ ଅର୍ଥନୈତିକ ଲାଭ ସହିତ ସ୍ପଷ୍ଟ ଭାବରେ ସଂଯୁକ୍ତ ଥିଲେ । |

**ସାରଣୀ 5.5: ସମୀକ୍ଷକଙ୍କ ପ୍ରତିବେଦନ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1. | ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ | 31 ମାର୍ଚ୍ଚ 2017 ରେ ଶେଷ ହୋଇଥିବା ବର୍ଷ ପାଇଁ ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ ର ଆର୍ଥିକ ବିବରଣୀ ଉପରେ ସାଧାନ ସମୀକ୍ଷକଙ୍କ ପ୍ରତିବେଦନର ସମୀକ୍ଷକଙ୍କ ଦାୟିତ୍ୱବୋଧ ଅଧିନରେ ବୈଧାନିକ ସମୀକ୍ଷକ ଦର୍ଶାଇଛନ୍ତି ଯେ, ବିପଦର ମୂଲ୍ୟାଙ୍କନ କରିବା ସମ୍ପର୍କରେ ସମୀକ୍ଷକ ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣକୁ କମ୍ପାନୀର ଆର୍ଥିକ ବିବରଣୀଗୁଡିକର ପ୍ରସ୍ତୁତି ସହିତ ଜଡିତ ବୋଲି ବିବେଚନା କରନ୍ତି ଯାହା ସମୀକ୍ଷା ପ୍ରଣାଳୀକୁ ଡିଜାଇନ୍ କରିବା ପାଇଁ ଏକ ସତ୍ୟ ଓ ଯଥାର୍ଥ ମତ ପ୍ରଦାନ କରେ ଯାହାକି ଉକ୍ତ ପରିସ୍ଥିତିରେ ଉପଯୁକ୍ତ କିନ୍ତୁ ଆର୍ଥିକ ରିପୋର୍ଟିଂ ଏବଂ ଏହିପରି ନିୟନ୍ତ୍ରଣଗୁଡିକର କାର୍ଯ୍ୟକାରିତା ଉପରେ କମ୍ପାନୀ ପର୍ଯ୍ୟାପ୍ତ ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣ ବ୍ୟବସ୍ଥା ରଖିଛି କି ନାହିଁ ସେ ସମ୍ବନ୍ଧରେ ଏକ ମତ ପ୍ରକାଶ କରିବା ଉଦ୍ଦେଶ୍ୟରେ ନୁହେଁ ।<br><br>ଏହା କମ୍ପାନୀ ଅଧିନିୟମ ଧାରା 143(3) ର ନିୟମ 10(ଚ) ଓ କମ୍ପାନୀ (ସମୀକ୍ଷା ଓ ସମୀକ୍ଷକ) ନିୟମ, 2014 ର ବିରୋଧାଭାଷ କରୁଛି ଯେଉଁଥିରେ ଏହା ଉଲ୍ଲେଖ ରହିଛି ଯେ, ପର୍ଯ୍ୟାପ୍ତ ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣ ବ୍ୟବସ୍ଥାର ଅସ୍ତିତ୍ୱ ଏବଂ ଏହାର କାର୍ଯ୍ୟକାରିତା ବିଷୟରେ ସମୀକ୍ଷକ ଦର୍ଶାଇଥିବା ଦରକାର । |
| 2. | ଓଡିଶା କୋଇଲା ଏବଂ ଶକ୍ତି ଲିମିଟେଡ୍ | ସାଧାନ ସମୀକ୍ଷକଙ୍କ ପ୍ରତିବେଦନର ଅନୁଚ୍ଛେଦ-3 ଅନୁଯାୟୀ ବାର୍ଷିକ ହିସାବ ଟିପ୍ପଣୀ ସଂଖ୍ୟା 8(ii) ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେଉଁଥିରେ ଦର୍ଶାଯାଇଥିଲା ଯେ, ପଟ୍ଟାଦାରି ଜମିର ମୂଲ୍ୟରେ ପଞ୍ଜିକରଣ ମୂଲ୍ୟ କିମ୍ବା ଅନ୍ୟ କୌଣସି ଦସ୍ତାବିଜ ସମ୍ବନ୍ଧୀୟ ଦେୟ ମିଶିନଥିଲା । ଏହି ପଞ୍ଜିକରଣ ଓ ଅନ୍ୟ ଦସ୍ତାବିଜ ସମ୍ବନ୍ଧୀୟ ଦେୟ ପଞ୍ଜିକରଣ ପରେ ଇଡ୍‌କୋକୁ ବହନ କରିବାକୁ ପଡିବ । ପଟ୍ଟା ଦସ୍ତାବିଜର ନିଷ୍ପାଦନ ପୂର୍ବରୁ ପଟ୍ଟା ଦସ୍ତାବିଜ ସେହିଭଳି ଉଲ୍ଲେଖ ହେବ ଯେଉଁଭଳି କମ୍ପାନୀ ଦ୍ୱାରା ଦେୟ ପ୍ରଦାନ କରାଯିବ ଏବଂ ଏହାକୁ ଉପଯୋଗୀ ଜୀବନର ଅବଶିଷ୍ଟ ସମୟ ମଧ୍ୟରେ ଅବକ୍ଷୟଣ କରାଯିବ ଯାହାକି ବୈକଳ୍ପିକ ଭାବରେ ଯୁକ୍ତିଯୁକ୍ତ ଆକଳନ ସହିତ ମୂଳ ଧନରେ ପରିଣତ କରାଯାଇପାରିଥାନ୍ତା । ଏହି ପରିପ୍ରେକ୍ଷୀରେ, ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେ, ଜମି ପଟ୍ଟା ସଂକ୍ରାନ୍ତିୟ ଚୁକ୍ତିନାମା ଓସିପିଏଲ୍ ଓ ଇଡ୍‌କୋ ମଧ୍ୟରେ ଏପର୍ଯ୍ୟନ୍ତ ନିଷ୍ପାଦିତ ହୋଇପାରି ନଥିଲା । ଜମି ପଟ୍ଟା ଚୁକ୍ତିନାମା କରିବା ସମୟରେ ଷ୍ଟାମ୍ପ ଦେୟ ଓ ପଞ୍ଜିକରଣ ଦେୟ ବାବଦକୁ ଖର୍ଚ୍ଚ ପ୍ରଦାନ କରିବାକୁ ପଡିଥାଏ । ତେଣୁ, 31 ମାର୍ଚ୍ଚ 2019 ରେ ଶେଷ ହୋଇଥିବା ବର୍ଷ ପାଇଁ ଓସିପିଏଲ୍‌ର ବାର୍ଷିକ ହିସାବରେ ପଞ୍ଜିକରଣ ଖର୍ଚ୍ଚ ଓ ଅନ୍ୟାନ୍ୟ ଦସ୍ତାବିଜ ଜନିତ ଦେୟର ପୁଞ୍ଜିକରଣରେ ସାମିଲ କରିବାର ପ୍ରଶ୍ନ ଉଠୁନଥିଲା । ଏହି ପରିପ୍ରେକ୍ଷୀରେ ମନ୍ତବ୍ୟର ଅଭାବ ଥିଲା । |
| 3 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | 31 ମାର୍ଚ୍ଚ 2018 ରେ ସମାପ୍ତ ବର୍ଷ ପାଇଁ ଓଏସ୍‌ସିଏସ୍‌ସିଏଲ୍‌ର ବାର୍ଷିକ ହିସାବ ଉପରେ ସାଧାନ ସମୀକ୍ଷକଙ୍କ ପ୍ରତିବେଦନର ପରିଶିଷ୍ଟ-ଖ ର ପଏଣ୍ଟ ସଂଖ୍ୟା VII(C) ଅନୁଯାୟୀ, କମ୍ପାନୀ ଦ୍ୱାରା 31 ମାର୍ଚ୍ଚ 2017 ରେ ସମାପ୍ତ ହେଉଥିବା ବର୍ଷ ପାଇଁ ପ୍ରଦତ୍ତ 0.33 କୋଟି ଟଙ୍କା ହସ୍ତାନ୍ତର ଦେୟ ପାଇଁ ପ୍ରାବଧାନ କରାଯାଇନଥିଲା । ସେଗୁଡିକୁ ଭୁଲବଶତଃ କମ୍ପ୍ୟୁଟର ନେଟୱାର୍କ, ସର୍ଭର ଓ ସଫ୍ଟୱେୟାର ବାବଦରେ ପୁଞ୍ଜିକରଣ କରାଯାଇ ତାହା ଉପରେ 0.04 କୋଟି ଟଙ୍କାର ଅବକ୍ଷୟଣ 2017-18 ବର୍ଷରେ ଦେଖାଇ ଦିଆଯାଇଥିଲା । ଏହି |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | ପରିପ୍ରେକ୍ଷୀରେ, 2016-17 ବର୍ଷ ପାଇଁ କମ୍ପାନୀର ବାର୍ଷିକ ହିସାବ ଉପରେ ସିଏଜିଙ୍କର ମନ୍ତବ୍ୟ ସଂଖ୍ୟା 2 କୁ ରେଫରାନ୍ସ କରାଯାଉଛି ଯେଉଁଥିରେ ଦର୍ଶାଯାଇଥିଲା ଯେ, ଅକ୍ଟୋବର 2016 ରୁ ମାର୍ଚ୍ଚ 2017 ପର୍ଯ୍ୟନ୍ତ ଅବଧି ପାଇଁ ଇଆରପି/ଏସ୍ଏପି ହସ୍ତାନ୍ତର ବାବଦକୁ ପ୍ରଦତ୍ତ 0.46 କୋଟିକୁ ପୁଞ୍ଜିକରଣ କରିବା ଉଚିତ ଥିଲା। ସେହି ଅନୁଯାୟୀ, କମ୍ପାନୀ 0.30 କୋଟି ଟଙ୍କାକୁ ବାର୍ଷିକ ହିସାବରେ ପୁଞ୍ଜିକରଣ କରିଥିଲା। ତେଣୁ, ସାଧାନ ସମୀକ୍ଷକଙ୍କ ଉପର୍ଯ୍ୟୁକ୍ତ ମନ୍ତବ୍ୟଗୁଡିକ ସେହି ପରିମାଣରେ ସଠିକ ନଥିଲା। |

ସାରଣୀ 5.6: ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଗୁଡିକର ଆର୍ଥିକ ସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ

| | |
|---|---|
| ଲାଞ୍ଜିଗଡ ପରିଯୋଜନା ଅଞ୍ଚଳ ଉନ୍ନୟନ ପ୍ରତିଷ୍ଠାନ | ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ତା 08.08.2008 ରିଖର ନିର୍ଦ୍ଦେଶ ଅନୁଯାୟୀ କଳାହାଣ୍ଡି ଓ ରାୟଗଡା ଜିଲ୍ଲାର ନିର୍ଦ୍ଧାରିତ ଅଞ୍ଚଳର ବିକାଶ ପାଇଁ ବେଦାନ୍ତ ଲିମିଟେଡ୍ (ପୂର୍ବତନ ଷ୍ଟେରଲାଇଟ୍ ଇଣ୍ଡିଆ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍) ଠାରୁ ପ୍ରାପ୍ତ ଅର୍ଥରାଶିକୁ କମ୍ କରି ହିସାବକୁ ନେବାରୁ ରିଜର୍ଭ ଓ ବଳକା (ଚିହ୍ନିତ ପାଣ୍ଠି) 2.30 କୋଟି ଟଙ୍କା କମ୍ ହୋଇଯାଇଥିଲା। ଫଳସ୍ୱରୂପ, ରିଜର୍ଭ ଓ ବଳକା ସମାନ ପରିମାଣରେ ଅଧିକ ହୋଇଯାଇଥିଲା। |

## 5.5.2 ସିଏଜି କେବଳମାତ୍ର ସମୀକ୍ଷକ ଥିବା ବୈଧାନିକ ନିଗମ

ସିଏଜି କେବଳମାତ୍ର ସମୀକ୍ଷକ ଥିବା ବୈଧାନିକ ନିଗମଗୁଡିକର ବାର୍ଷିକ ହିସାବ ଉପରେ ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟଗୁଡିକ ନିମ୍ନରେ ବିସ୍ତୃତ ଭାବରେ ଦିଆଯାଇଛି:

**ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍ଆରଟିସି)**

(i) ଅବସର/ ମୃତ୍ୟୁକାଳୀନ ଆନୁତୋଷିକ ବାବଦକୁ କର୍ମଚାରୀଙ୍କୁ 2018-19 ଆର୍ଥିକ ବର୍ଷ ପାଇଁ ଦିଆଯିବାକୁ ଥିବା 0.61 କୋଟି ଟଙ୍କା କର୍ମଚାରୀ ଉପକାର ବ୍ୟୟ (ଆନୁତୋଷିକ)ରେ ଅନ୍ତର୍ଭୁକ୍ତ କରାଯାଇନଥିଲା। କର୍ମଚାରୀମାନଙ୍କୁ ଦିଆଯାଉଥିବା ଅନୁତୋଷିକକୁ ହିସାବକୁ ନନେବା ଦ୍ୱାରା କର୍ମଚାରୀ ଉପକାର ବ୍ୟୟ କମ୍ ହୋଇଯାଇଥିଲା ଓ ଲାଭ 0.61 କୋଟି ଟଙ୍କା ଅଧିକ ହୋଇଯାଇଥିଲା ଏବଂ ଅନୁରୂପ ଭାବରେ ସେହି ବର୍ଷ ପାଇଁ ଚଳନ୍ତି ଦାୟିତ୍ୱ ସେହି ପରିମାଣରେ କମ୍ ହୋଇଯାଇଥିଲା। ଅଧିକନ୍ତୁ, ନିଗମ ହିସାବ ମାନଦଣ୍ଡ-15 ଅଧିନରେ ଆବଶ୍ୟକ ଅବସରପ୍ରାପ୍ତ କର୍ମଚାରୀଙ୍କ ସୁବିଧାଗୁଡିକର ମୂଲ୍ୟ ନିରୂପଣ କରିନଥିଲା।

(ii) 2018-19 ଆର୍ଥିକ ବର୍ଷ ପାଇଁ ହିସାବର ପ୍ରମାଣୀକରଣ ପୂର୍ବରୁ କର୍ମଚାରୀ ଭବିଷ୍ୟନିଧି ସଂସ୍ଥା (ଇପିଏଫ୍ଓ)ର ଅସୁଲି ଅଧିକାରୀଙ୍କ ଦ୍ୱାରା 1997 ରୁ 2017 ପର୍ଯ୍ୟନ୍ତ ଅବଧି ପାଇଁ ସମାପନ ପ୍ରମାଣପତ୍ର ଦେୟ ବାବଦ 0.35 କୋଟି ଟଙ୍କା ଦାବି ଅନ୍ୟାନ୍ୟ ଖର୍ଚ୍ଚରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା। ଏହାଫଳରେ ଅନ୍ୟାନ୍ୟ ଖର୍ଚ୍ଚ କମ୍ ହୋଇଯାଇଥିଲା ଏବଂ ଲାଭ 0.35 କୋଟି ଟଙ୍କା ଅଧିକ ହେବା ସହ ଅନୁରୂପ ଭାବରେ ବର୍ଷ ପାଇଁ ଚଳନ୍ତି ଦାୟିତ୍ୱ ସମାନ ପରିମାଣରେ କମ୍ ହୋଇଯାଇଥିଲା।

(iii) ବାଦାମବାଡି ବସଷ୍ଟାଣ୍ଡର ସମ୍ପୂର୍ଣ୍ଣ ହୋଇଥିବା ମରାମତି ଓ ନବୀକରଣ ଖର୍ଚ୍ଚକୁ ପୁଞ୍ଜିଭୂତ କରିବା ପରିବର୍ତ୍ତେ ପୁଞ୍ଜି କାର୍ଯ୍ୟ ପ୍ରଗତି ଭାବରେ ହିସାବରେ ଦର୍ଶାଇବାରୁ ଅଣ-ସାମ୍ପ୍ରତିକ ସମ୍ପତ୍ତି (ସ୍ଥାୟୀ ସମ୍ପତ୍ତି- ପୁଞ୍ଜି କାର୍ଯ୍ୟ ପ୍ରଗତି) 1.06 କୋଟି ଟଙ୍କା ଅଧିକ ହୋଇଯାଇଥିଲା। ଏହା ଫଳରେ ସ୍ଥାୟୀ ସମ୍ପତ୍ତି 2.58 କୋଟି ଟଙ୍କା, ଅନ୍ୟାନ୍ୟ ଦାୟିତ୍ୱ 1.53 କୋଟି ଟଙ୍କା ଏବଂ ଅବକ୍ଷୟଣ 0.01 କୋଟି ଟଙ୍କା କମ୍ ହେବା ସହ ଲାଭ 0.01 କୋଟି ଟଙ୍କା ଅଧିକ ହୋଇଯାଇଥିଲା।

(iv)ମାର୍ଚ୍ଚ 2019 ପର୍ଯ୍ୟନ୍ତ 1,214 ଟି ମାମଲାରେ ମଟରଗାଡି ଦୁର୍ଘଟଣା ଦାବି ବିଚାରାଳୟ ଦେୟ ବାବଦ 25.70 କୋଟି ଟଙ୍କାକୁ ନିଗମ ବାର୍ଷିକ ହିସାବରେ ଉଲ୍ଲେଖ କରିନଥିଲା। ଯେହେତୁ ମାମଲାଗୁଡିକ ଆପୋଷ ବୁଝାମଣା ଓ ଚୂଡାନ୍ତ ସମାଧାନ ପାଇଁ ବିଚାରାଧିନ ଥିଲା, ଏହାକୁ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ 29 ଅନୁଯାୟୀ ବାର୍ଷିକ ହିସାବର ଏକ ଅଂଶ ହୋଇଥିବା ଟିପ୍ପଣୀରେ ସମ୍ଭାବ୍ୟ ଦାୟିତ୍ୱ (ଟିପ୍ପଣୀ-22.25) ଭାବରେ ଉଲ୍ଲେଖ କରିବା ଉଚିତ ଥିଲା।

(v) ଓଆର୍‌ଟି କୋ ଲିମିଟେଡ୍‌ର ମିଶ୍ରଣ ବାବଦକୁ 28.55 କୋଟି ଟଙ୍କା ଛାଡ କରିବାକୁ ଓଡିଶା ସରକାର 29 ଅଗଷ୍ଟ 2019 ରେ ନିଷ୍ପତ୍ତି ନେଇଥିଲେ। ଉଭୟ ଓଏସ୍‌ଆର୍‌ଟିସିର 28.55 କୋଟି ଟଙ୍କା ଦାବିକୁ ଛାଡ କରିବାକୁ ରାଜି ହୋଇଥିବାରୁ ଆର୍ଥିକ ବିବରଣୀର ଅଂଶ ହୋଇଥିବା ଟିପ୍ପଣୀ (ଟିପ୍ପଣୀ-22.19) ରେ ଗ୍ରହଣଯୋଗ୍ୟ ବୋଲି ଉଲ୍ଲେଖ କରିବା ସଠିକ ନଥିଲା।

## 5.6 ହିସାବ ମାନଦଣ୍ଡ/ ଇଣ୍ଡ ଏଏସ୍ ବ୍ୟବସ୍ଥାର ଅନୁପାଳନ ନକରିବା

କମ୍ପାନୀ ଅଧିନିୟମ, 2013 ର ଧାରା 469 ଏବଂ ଧାରା 129(1), 132, 133 ରେ ପ୍ରଦାନ କରାଯାଇଥିବା କ୍ଷମତାର ପ୍ରୟୋଗରେ କେନ୍ଦ୍ର ସରକାର ହିସାବ ମାନଦଣ୍ଡ 1 ରୁ 7 ଏବଂ 9 ରୁ 29 ବିହିତ କରିଥିଲେ। ଏତଦ୍‌ବ୍ୟତୀତ କେନ୍ଦ୍ର ସରକାର କମ୍ପାନୀଗୁଡିକ (ଭାରତୀୟ ହିସାବ ମାନଦଣ୍ଡ) ନିୟମ 2015 ଏବଂ କମ୍ପାନୀଗୁଡିକ (ଭାରତୀୟ ହିସାବ ମାନଦଣ୍ଡ) (ସଂଶୋଧନ) ନିୟମ, 2016 ମାଧ୍ୟମରେ 41 ଭାରତୀୟ ହିସାବ ମାନଦଣ୍ଡ (ଇଣ୍ଡଏଏସ୍) ଜାରି କରିଥିଲେ।

ବୈଧାନିକ ସମୀକ୍ଷକ ତାଙ୍କ ପ୍ରତିବେଦନରେ ଦର୍ଶାଇଛନ୍ତି ଯେ ସାତଟି କମ୍ପାନୀ ବାଧ୍ୟତାମୂଳକ ହିସାବ ମାନଦଣ୍ଡ/ଇଣ୍ଡଏଏସ୍‌କୁ ପାଳନ କରୁନାହାନ୍ତି ଯାହା **ପରିଶିଷ୍ଟ-28** ରେ ବିସ୍ତୃତ ଭାବରେ ଦିଆଯାଇଛି।

ଅନୁପୂରକ ସମୀକ୍ଷା ପ୍ରକ୍ରିୟାରେ ସିଏଜି ନିରିକ୍ଷଣ କଲେ ଯେ ନିମ୍ନଲିଖିତ କମ୍ପାନୀଗୁଡିକ ମଧ୍ୟ ହିସାବ ମାନଦଣ୍ଡ/ଇଣ୍ଡଏଏସ୍ କୁ ଅନୁପାଳନ କରିନଥିଲେ ଯାହାକି ସେମାନଙ୍କ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ପ୍ରତିବେଦିତ କରାଯାଇ ନାହିଁ:

**ସାରଣୀ 5.7: ଅନୁପୂରକ ସମୀକ୍ଷା ସମୟରେ ଦେଖାଯାଇଥିବା ଆକାଉଣ୍ଟିଂ ଷ୍ଟାଣ୍ଡାଡ/ ଇଣ୍ଡ ଏଏସ୍‌କୁ ପାଳନ ନକରିବା**

| ଆକାଉଣ୍ଟିଂ ଷ୍ଟାଣ୍ଡାଡ/ ଇଣ୍ଡ ଏଏସ୍ | | କମ୍ପାନୀର ନାମ | ବ୍ୟତିକ୍ରମ |
|---|---|---|---|
| ଏଏସ୍ 5 | ଆକାଉଣ୍ଟିଂ ନୀତିରେ ପରିବର୍ତ୍ତନର ପ୍ରଭାବ ପ୍ରକାଶ | ଓଡିଶା ଖଣିଜ ଧାତବ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | ଏଏସ୍ 5 ର ଆବଶ୍ୟକତା ଅନୁଯାୟୀ 2018-19 ବର୍ଷରେ ସରଳରେଖା ଅବକ୍ଷୟଣରୁ ରିଟେନ୍ ଡାଉନ୍ ମୂଲ୍ୟ ପଦ୍ଧତିରେ ପରିବର୍ତ୍ତନର ପ୍ରଭାବ କମ୍ପାନୀ ପ୍ରକାଶ କରିନାହିଁ। |
| ଏଏସ୍ 2 | ଭଣ୍ଡାରର ଆକାଉଣ୍ଟିଂ | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | ସୁଧର ଭୁଲ ହିସାବରେ ତା ସହିତ କଷ୍ଟମ୍ ମିଲ୍ଡ ରାଇସ୍ (ଦ୍ରବ୍ୟ ତାଲିକା)ର ମୂଲ୍ୟାୟନର ବଣ୍ଟନ ମୂଲ୍ୟ। |
| ଏଏସ୍ 12 | ସ୍ଥଗିତ କର ସମ୍ପତ୍ତି ପ୍ରତି ଭିନ୍ନ ଭିନ୍ନ ପରିମାଣର ସଂକ୍ଷିପ୍ତ ହିସାବ | ଓଡିଶା ଖଣି ନିଗମ ଲିମିଟେଡ୍ | ଇଣ୍ଡ ଏଏସ୍ 12 ର ନୀତି ଏବଂ ନିୟମାବଳୀ ଅନୁଯାୟୀ ନିଗମ ବିଳମ୍ବ ସମ୍ପତ୍ତି କର ବାବଦରେ 17.52 କୋଟି ହିସାବ କରିବା ପରିବର୍ତ୍ତେ 12.67 କୋଟି ଟଙ୍କାକୁ ହିସାବ କରିବାର ଥିଲା ଯେହେତୁ ବକେୟା ରାଶି 4.85 କୋଟି ଟଙ୍କା 2018-19 ବର୍ଷରେ |